## ରାସ୍ତାକଡ଼ରୁ ନବଜାତକର ମୃତଦେହ ଉଦ୍ଧାର

ବସ୍ତା, (ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା-ବାଲିଆପାଳ ରାସ୍ତାର ପେଜଗଳା ପୋଲ ନିକଟ ରାସ୍ତା ପାର୍ଶ୍ୱରେ ନବଜାତକଙ୍କ ମୃତଦେହ ଏକ କାଗଜପେଟି ମଧ୍ୟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ହାତୀ ଭୟ: ମଞ୍ଚାରେ କଟୁଛି ରାତି

**ବାରିପଦା ଅଫିସ,୧୮।୧୦**

ଝାଡ଼ଖଣ୍ଡ ଓ ଶିମିଳିପାଳ ହାତୀପଲଙ୍କୁ ନେଇ ମୟୂରଭଞ୍ଜ ଜିଲାର ଚାଷୀ ଚିନ୍ତିତ ହୋଇ ପଡ଼ିଛନ୍ତି। ବର୍ଷ ତମାମ ହାତୀମାନଙ୍କ ଚଳପ୍ରଚଳ ଯୋଗୁ ଜିଲାରେ ବ୍ୟାପକ ଫସଲ ନଷ୍ଟ ହେବା ସହ ଧନଜୀବନ ହାନି ଘଟୁଛି। ହାତୀ ଘଉଡ଼ାଇବା ପାଇଁ ନିୟମ ନ ଥିବାରୁ ନିରୁପାୟ ହୋଇ ଚାଷୀମାନେ ବିକଳ୍ପ ଉପାୟ ଅବଲମ୍ବନ କରୁଛନ୍ତି। ଧାନକ୍ଷେତ ଓ ଗାଁ ଲୋକଙ୍କୁ ସୁରକ୍ଷା ଦେବା ଲାଗି ସେମାନେ ଗଛରେ ମଞ୍ଚା ବାନ୍ଧି ରାତି ଉଜାଗର ରହୁଛନ୍ତି। ପାଳି କରି ଗ୍ରାମର ସମସ୍ତ ଲୋକ ଏଥିରେ ସାମିଲ ହେଉଛନ୍ତି ।

ଜିଲାର୨୬ଟି ବ୍ଲକ ମଧ୍ୟରୁ ୧୫ଟି ବ୍ଲକରେ ହାତୀ ଆତଙ୍କ ଦେଖିବାକୁ ମିଳୁଛି। କ୍ଷେତରେ ଧାନ ପାଚିଲେ ରାଇରଙ୍ଗପୁର, ଯଶିପୁର, ବିଶୋଇ, ବାଙ୍ଗିରିପୋଷୀ, ଉଦଳା, ବେତନଟୀ, ବଡ଼ସାହି, ମୋରଡା, ଶୁଳିଆପଦା ଆଦି ବ୍ଲକ ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ ଆରମ୍ଭ ହୁଏ। ପାଚିଲା ଧାନ କ୍ଷେତକୁ ବଞ୍ଚାଇବା ପାଇଁ ଚାଷୀମାନେ ବଡ଼ ବଡ଼ ଗଛ ଉପରେ ମଞ୍ଚା ବାନ୍ଧି ରାତିରେ ହାତୀଙ୍କୁ ଜଗି ରହୁଛନ୍ତି। ୧୦ବର୍ଷ ବର୍ଷ ହେଲା ଝାଡ଼ଖଣ୍ଡ ରାଜ୍ୟ ଦଳମା ଅଞ୍ଚଳରୁ ଶତାଧିକ ହାତୀ ଆସୁଥିବା ବେଳେ ଗାଁ ଗଣ୍ଡା ଓ କ୍ଷେତରେ ପଶି ଫସଲ ନଷ୍ଟ କରିବା ସହ ଘର ଭାଙ୍ଗୁଛନ୍ତି। ଏପରିକି ହାତୀ ଆକ୍ରମଣର ଶିକାର ହୋଇ ଲୋକେ ମୃତ୍ୟୁମୁଖରେ ପଡୁଥିବା ମଧ୍ୟ ନଜିର ରହିଛି।

ଶିମିଳିପାଳ ପାଦଦେଶରେ ଥିବା ବାଙ୍ଗରିପୋଷି ବ୍ଲକ ଧୋବଣୀଶୋଳ ଗ୍ରାମର କାଶୀନାଥ ମାରାଣ୍ଡି କୁହନ୍ତି, ଧାନ ପାଚିବା ଆରମ୍ଭ ହେବା ପୂର୍ବରୁ ଏହାକୁ କାଟି ଘରକୁ ନେଇ ଆସୁଛୁ। ଦିନରାତି ମଞ୍ଚା ଉପରେ ରହି ଟିଣ ବଜାଇ ହାତୀ ଘଉଡ଼ାଉଛୁ। ବେତନଟୀ ରେଞ୍ଜ ରାସଗୋବିନ୍ଦପୁର ବ୍ଲକ ବଡାମପୁର ଗ୍ରାମର ଦୁଲି ମୁର୍ମୁ କୁହନ୍ତି, ଧାର କରଜ କରି ୨ ମାଣ ଜମିରେ ଚାଷ କରିଛି । ରାତି ଅନିଦ୍ରା ହୋଇ ମଞ୍ଚା ଉପରେ ଜଗି ରହୁଛି। ମଞ୍ଚା ଉପରେ ଶୋଉଛି ଆଉ ସେଇଠି ରହୁଛି। ବଡ଼ସାହି ବ୍ଲକ ମଧୁପୁର ଗ୍ରାମର ଗୁରା ସିଂ କୁହନ୍ତି, ହାତୀ ଆସିଲେ ପାଳି କରିକରି ମଞ୍ଚା ଉପରେ ଜଗୁଛୁ । ରାତିରେ ନିଆଁ ଜାଳି ଓ ବାଜା ବଜାଇ ସେମାନଙ୍କୁ ଘଉଡ଼ାଉଛୁ। ହାତୀ ଆସିବା ଖବର ଦେଲେ ବନବିଭାଗର କର୍ମଚାରୀମାନେ କେବଳ ସେମାନଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି। ପଶ୍ଚିମବଙ୍ଗ ପଟୁ ୨୦ରୁ ଊର୍ଦ୍ଧ୍ୱ ହାତୀ ବଡ଼ାମପୁର ଜଙ୍ଗଲରେ ରହୁଥିବା ବେଳେ ଗୋଠଛଡ଼ା ଏକ ଦନ୍ତା ଏବେ ନଡ଼ପୁର ଦେଇ ତିଳଦା ଜଙ୍ଗଲରେ ଥିବା ବନବିଭାଗ ସୂତ୍ରରୁ ଜଣାଯାଇଛି। ହାତୀପଲଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯିବା ସହ ଅଞ୍ଚଳବାସୀଙ୍କୁ ସଚେତନ କରାଯାଉଛି ବୋଲି ବେତନଟୀ ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି। ପ୍ରତିବର୍ଷ ଧାନ ପାଚିଲା ସମୟରେ ଶହେରୁ ଊର୍ଦ୍ଧ୍ୱ ହାତୀ ଝାଡ଼ଖଣ୍ଡରୁ ବାହାରି ମୟୂରଭଞ୍ଜ ଜିଲା ଦେଇ ବାଲେଶ୍ୱରର ନୀଳଗିରି ଅଞ୍ଚଳ ଅଭିମୁଖେ ଯାଇଥାନ୍ତି । ଏନେଇ ଲୋକେ ଭୟଭୀତ ଅବସ୍ଥାରେ ରହୁଥିବା ବେଳେ ବନବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



ବାଙ୍ଗିରିପୋଷି ଅଞ୍ଚଳରେ ଗଛରେ ମଞ୍ଚା ବାନ୍ଧି ଲୋକେ ହାତୀ ଜଗିଛନ୍ତି।

- **ପାଚିବା ପୂର୍ବରୁ ଫସଲ କାଟି ନେଉଛନ୍ତି ଚାଷୀ**
- **ପାଳି କରି ଦିନ ରାତି ଜଗି ରହୁଛନ୍ତି**

## ସଂକ୍ଷେପରେ

### ନବବଧୂଙ୍କୁ ହତ୍ୟା ଉଦ୍ୟମ: ୪ଜଣଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ, ୧୮।୧୦:** ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ସେଣ୍ଡିଆ ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ୪ଜଣଙ୍କ ବିରୋଧରେ ମାମଲା( ନଂ. ୨୦୫/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଉକ୍ତ ଗ୍ରାମର ସୁଧାଂଶୁ ଶେଖର ମିଶ୍ର ଗତ ଫେବୃୟାରୀ ୪ ତାରିଖରେ ନନ୍ଦପୁର ଗାଁର ସରୋଜିନୀ ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଦୁଇ ମାସ ପରେ ଅଧିକ ୧ଲକ୍ଷ ଯୌତୁକ ଦାବି କରି ସ୍ୱାମୀ, ଦିଅର, ଶାଶୁ ଓ ଶ୍ୱଶୁର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରିକି ଦୁଇଦିନ ପୂର୍ବେ ଲୁହାରଡ଼ରେ ସରୋଜିନୀଙ୍କ ଦିଅର ପିଟିବାରୁ ସେ ଗୁରୁତର ହୋଇଥିଲେ। ସରୋଜିନୀଙ୍କ ବାପଘର ଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରିଛନ୍ତି। ଏପରିକି ତାଙ୍କ ଶାଶୁଘର ଲୋକ ସରୋଜିନୀଙ୍କ ଗର୍ଭ ନଷ୍ଟ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଧାରଣାକୁ ଓହ୍ଲାଇବେ ବୋଲି ସରୋଜିନୀଙ୍କ ବାପଘର ଲୋକେ ଚେତାବନୀ ଦେଇଛନ୍ତି।

### ଖବରଦାତାଙ୍କ ବିୟୋଗରେ ଶୋକ

**କେନ୍ଦୁଝର/ପାଟଣା,୧୮।୧୦(ଡି.ଏନ.ଏ./ ସ୍ୱ.ପ୍ର.):** କେନ୍ଦୁଝର ଜିଲାର ବରିଷ୍ଠ ସଂଗଠକ ଓ ଖବରଦାତା ଧୀରେନ୍ଦ୍ର ରାଉତ(୬୨)ଙ୍କର ରବିବାର ପରଲୋକ ଘଟିଛି। ଏନେଇ ଜିଲାରେ ଶୋକର ଛାୟା ଖେଳି ଯାଇଛି। କିଛିଦିନ ତଳେ ସେ କରୋନା ସଂକ୍ରମିତ ହୋଇ ଚିକିତ୍ସାଧିନ ଥିଲେ। ଅପରାହ୍ନରେ ମରଶରୀର କେନ୍ଦୁଝର ମାଧପୁର ସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ ଜିଲା ପ୍ରଗତିଶୀଳ ନାଗରିକ ମଞ୍ଚ, କାସନ୍ଦ୍ରା କଲଚରାଲ କ୍ଲବ ଭଳି ଗୁରୁତ୍ୱପୂର୍ଣ୍ଣ ସଂଗଠନର ସଭାପତି, କୃଷକ ବଜାର, ରାହସ ପୂଜା କମିଟିର କାର୍ଯ୍ୟକର୍ତ୍ତା, ଜିଲା ସମବାୟ ୟୁନିୟନ ସଭାପତି ଏବଂ ବହୁ ସାମାଜିକ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ କେନ୍ଦୁଝର ସହରର ଦୋକାନ ବଜାର ବନ୍ଦ ରହିଥିଲା।

### ଖଇରା ବରିଷ୍ଠ ନାଗରିକ ମଞ୍ଚର ପୂଜାର୍ଚ୍ଚନା

**ଖଇରା, ୧୮।୧୦(ଡି.ଏନ.ଏ.):**ଖଇରା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁପାରୀ ଅମ୍ବିକା ମନ୍ଦିରରେ ପ୍ରଥମେ ସକାଳେ ପୂଜାର୍ଚ୍ଚନା କରାଯାଇ ଦୀପଦାନ କରାଯାଇଥିଲା। ପରେ ମଞ୍ଚ ସଭାପତି ଶରତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ପାଦକ ମୁକ୍ତିକାନ୍ତ ଶତପଥୀ, ସଭ୍ୟ ଅନାମ ଚରଣ ପଣ୍ଡା, ଅନ୍ତର୍ଯ୍ୟାମୀ ପାତ୍ର, ସନ୍ତୋଷ ଶତପଥୀ, କରୁଣାକର ମହାପାତ୍ର, ବିଷ୍ଣୁମୋହନ ଶତପଥୀ, ଜଗତାନନ୍ଦ ମହାପାତ୍ର, ଶ୍ରୀଧର ତ୍ରିପାଠୀ, ଡା. ଉମେଶ ମହାନ୍ତି, ଚିନ୍ତାମଣି ପାତ୍ର, ଅବନ୍ତି ମାଝି, ସନ୍ତୋଷ ଦଳାଇଙ୍କ ସମେତ ସମସ୍ତ ସଭ୍ୟ ମୁଖ୍ୟମନ୍ତ୍ରୀଙ୍କ ନିରାମୟ ଜୀବନ କାମନା କରିଥିଲେ ।

## ଗୋରୁ ଗାଡ଼ି ଜବତ: ଡ୍ରାଇଭର, ବେପାରୀ ଗିରଫ

**ସଜନାଗଡ଼, ୧୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବସ୍ଷ୍ଟାଣ୍ଡ ନିକଟରେ ରବିବାର ଏକ ଗୋରୁ ବୋଝେଇ ଟାଟା ଏସିଇକୁ ପୋଲିସ ଜବତ କରିଛି। ଗାଡ଼ି ଭିତରୁ ୩ଟି ଗୋରୁକୁ ଉଦ୍ଧାର କରାଯିବା ସହ ଡ୍ରାଇଭର ଓ ବେପାରୀଙ୍କୁ ଗିରଫ କରାଯାଇଛି।

ନୀଳଗିରି ଥାନା ଇନ୍ସପେକ୍ଟର ବାସୁଦେବ ଜୟସିଂହ ଏକ ଟିମ୍ ସହ ବସ୍ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ଗାଡି (ନଂ. ଓଡ଼ି୦୧ଏମ୍-୩୪୯୭)ଜବତ କରିଥିଲେ। ଗାଡ଼ି ଭାଲକୁଣ୍ଡି ଅଞ୍ଚଳରୁ ନୀଳଗିରି ଅଭିମୁଖେ ଆସୁଥିଲା। ଉଦ୍ଧାର ଗୋରୁଗୁଡ଼ିକୁ ବାମପଦା ଗୋଶାଳାରେ ଛାଡ଼ି ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ସସ୍ମିତା ମଲ୍ଲିକ ସୂଚନା ଦେଇଛନ୍ତି। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୩୫୦/୨୦) ରୁଜୁ କରାଯାଇ ଗିରଫ ଡ୍ରାଇଭର ରଘୁନାଥ ସିଂ ଓ ବେପାରୀ କାହାଳିଆ ଗ୍ରାମର ଜିତେନ୍ଦ୍ର ବାରିକଙ୍କୁ କୋର୍ଟଚାଲାଣ କରାଯାଇଛି।

# ରାଶନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ନେଇ ହୋହଲ୍ଲା



ହିତାଧିକାରୀମାନେ ଫାଟକରେ ତାଲା ପକାଇ ଦେଇଛନ୍ତି।

**ଯୋଡା, ୧୮।୧୦(ଡି.ଏନ.ଏ.)**

**ପଞ୍ଚାୟତ ଅଫିସ୍‌ରେ ସରପଞ୍ଚଙ୍କୁ ତାଲା ପକାଇଲେ ଗ୍ରାମବାସୀ**

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ଚମକପୁର ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ନେଇ ରବିବାର ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଧୋବା କୁଟୁଡା, ଗୁଗୁଦରି, ଶଙ୍କରପୁର ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପଞ୍ଚାୟତ ଅଫିସରେ ସରପଞ୍ଚ ନରହରି ନାଏକଙ୍କୁ ୫ ଘଣ୍ଟା ଧରି ତାଲା ପକାଇ ଦେଇଥିଲେ। ସରପଞ୍ଚ ରାଶନ ସାମଗ୍ରୀ ବଣ୍ଟନ କରିବା ପରେ ଉତ୍ତେଜନା ଥମିଥିଲା।

ଚମକପୁର ପଞ୍ଚାୟତ ଅଫିସ୍‌ରେ ସୋଲା ଚଣା, କିରୋସିନ ବଣ୍ଟନ କରାଯାଉଥିବା ବେଳେ ଶଙ୍କରପୁରଠାରେ ଥିବା ନୂଆ ପଞ୍ଚାୟତ ଅଫିସ୍‌ରେ ଚାଉଳ ବଣ୍ଟନ କରାଯାଉଥିଲା। ଏହି ଦୁଇ ଗ୍ରାମ ମଧ୍ୟରେ ଦୂରତା ପ୍ରାୟ ୫ କି.ମି. ହେବ। ଫଳରେ ହିତାଧିକାରୀମାନେ ଯିବା ଆସିବା କରିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ସରପଞ୍ଚ ରାଶନ ସାମଗ୍ରୀ ବଣ୍ଟନ ଆଜି ହେବ କାଲି ହେବ କହି ବିଳମ୍ବ କରୁଥିଲେ । ରବିବାର ରାଶନ ସାମଗ୍ରୀ ଦିଆଯିବା ପାଇଁ କୁହାଯାଇଥିବାରୁ ଶତାଧିକ ହିତାଧିକାରୀ ପଞ୍ଚାୟତ ଅଫିସ୍‌ରେ ପହଞ୍ଚିଥିଲେ। ମାତ୍ର ସେମାନଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ସାମଗ୍ରୀ ଦିଆ ନ ଯାଇ ଦୁଇଟି ସ୍ଥାନରେ ଦିଆଯାଇ ହଇରାଣ କରାଯାଉଥିବାରୁ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଏ ସମ୍ପର୍କରେ ସରପଞ୍ଚଙ୍କୁ ଜଣାଇଥିଲେ ହେଁ ସେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ଫଳରେ ହିତାଧିକାରୀମାନେ ଉତ୍ତ୍ୟକ୍ତ ହୋଇ ସରପଞ୍ଚ ନାଏକଙ୍କୁ ତାଲା ପକାଇ ଦେଇଥିଲେ। ଏନେଇ ସରପଞ୍ଚ ନରହରି ନାଏକ କହିଛନ୍ତି ଯେ, ହିତାଧିକାରୀମାନଙ୍କୁ ନୋଟିସ ମାଧ୍ୟମରେ ରାଶନ ସାମଗ୍ରୀ ଦିଆଯାଏ, ଯେହେତୁ ରବିବାର ଛୁଟି ଦିନ ଥିଲା, ତେଣୁ ସେ ମଙ୍ଗଳବାର ରାଶନ ସାମଗ୍ରୀ ଦେବା ପାଇଁ ନୋଟିସ ଜାରି କରିଛନ୍ତି। ହେଲେ ହିତାଧିକାରୀମାନେ କୌଣସି ୱାର୍ଡମେମ୍ବରଙ୍କଠାରୁ ରାଶନ ସାମଗ୍ରୀ ବଣ୍ଟନ କରାଯିବା ଶୁଣି ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ହୋହଲ୍ଲା କରୁଛନ୍ତି।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା କଂଗ୍ରେସ

**ବାଲେଶ୍ୱର ଅଫିସ, ୧୮।୧୦**

**ଏମ୍ସ ସାଟେଲାଇଟ୍ ସେଣ୍ଟର ସମ୍ପୂର୍ଣ୍ଣ କରିବାକୁ ଦାବି**

ବାଲେଶ୍ୱର ଜିଲାରେ ୨୦୧୩-୧୪ରେ ଆରମ୍ଭ ହୋଇଥିବା ଏମ୍ସ ସାଟେଲାଇଟ୍ ସେଣ୍ଟର ନିର୍ମାଣ ପାଇଁ କେନ୍ଦ୍ରରେ ଥିବା ତତ୍କାଳୀନ କଂଗ୍ରେସ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୪୫୦କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏମ୍ସ ସାଟେଲାଇଟ୍ ସେଣ୍ଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲାକୁମାର ଏବଂ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ସାକ୍ଷାତ୍ କରି ଲିଖିତ ଦାବିପତ୍ର ଦେଇଥିବା ଶନିବାର ଜିଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି।

ସାଟେଲାଇଟ୍ ସେଣ୍ଟରରେ ୩୫୦ ଶଯ୍ୟାବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ, ପବ୍ଲିକ ହେଲ୍‌ଥ ସ୍କୁଲ ଏବଂ ଏକ ବିଶ୍ୱସ୍ତରୀୟ ନର୍ସିଂ ସ୍କୁଲ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରହିଛି। ଉନ୍ନତମାନର ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗବେଷଣା ଏକ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ। ଜିଲାବାସୀ ଏଥିପାଇଁ ବହୁତ ଖୁସି ଅନୁଭବ କରୁଥିଲେ। ମାତ୍ର ପରିତାପର ବିଷୟ ଏନ୍‌ଡିଏ ସରକାର କ୍ଷମତାକୁ ଆସିଲା ପରେ ଏହି ପ୍ରକଳ୍ପ ଶୀତଳଭଣ୍ଡାରରେ ପଡ଼ି ରହିଛି। ୨୦୧୬ରେ କେନ୍ଦ୍ରର ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଏହାକୁ ବାତିଲ କରି ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ ଚକ୍ରାନ୍ତ କରିଥିଲେ। ବାଲେଶ୍ୱରବାସୀଙ୍କ ପ୍ରବଳ ପ୍ରତିବାଦ ପରେ କେନ୍ଦ୍ରସରକାର ପୁନଶ୍ଚ ବାଲେଶ୍ୱରରେ ଏହି ସାଟେଲାଇଟ୍ ସେଣ୍ଟର ହେବ ବୋଲି ପ୍ରତିଶ୍ରୁତି ଦେଲେ। ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ରେମୁଣା ନିକଟରେ ଉଦ୍ଦିଷ୍ଟ ଜମିରେ ୧କୋଟି ୬୦ଲକ୍ଷ ଟଙ୍କା ବିନିଯୋଗରେ ପାଚେରି ମଧ୍ୟ ହେଲା। ପ୍ରାରମ୍ଭିକ କାର୍ଯ୍ୟ ସ୍ୱରୂପ ଏକ ଓପିଡି ସେଣ୍ଟର ଖୋଲାଗଲା ଏବଂ ସପ୍ତାହକୁ ଥରେ ଭୁବନେଶ୍ୱରରୁ ଏମ୍ସ ଡାକ୍ତରମାନେ ଆସି ଓପିଡି ଚଳାଇଲେ। ଓପିଡି ସହିତ ୮ଟି କ୍ୱାର୍ଟର୍ସ ପାଇଁ ୩୬କୋଟି ଟଙ୍କା ମଞ୍ଜୁର ହୋଇଥିଲା। କଂଗ୍ରେସ ସମୟରେ ଆରମ୍ଭ ହୋଇଥିବା ଏହି ବିରାଟ ପ୍ରକଳ୍ପର ବୋଧେ ଏହା ଅୟମାରମ୍ଭ ହେଲା। ମାତ୍ର ବାସ୍ତବରେ କେନ୍ଦ୍ରର ଏନ୍‌ଡିଏ ସରକାର ବାଲେଶ୍ୱରବାସୀଙ୍କୁ ପ୍ରତାରିତ କରିଥିବା କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ପ୍ରକାଶ କରିଥିଲେ।



କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଓ ବିଧାୟକ ତାରାବାହିନୀ ପତି।

# ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

**ବାଲେଶ୍ୱର ଅଫିସ, ୧୮।୧୦:** ବାଲେଶ୍ୱର ନିର୍ବାଚନମଣ୍ଡଳୀର ୨୮ନଂ. ଜୋନ୍ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମପଞ୍ଚାୟତର ମାଛଡ଼ିହା, ନିମା, ଖିରମ, ଶାତରା, ପୁରଣ, ଉଡିକିରି, ଶ୍ରୀରାମପୁର, ଗୁଣ୍ଡୁରିପଦା, ଖଡ଼ିକାପଦା, ଗରଡ଼ିହା, ବିଞ୍ଚା ଓ ବଳବୁଢ଼ି ଗ୍ରାମରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ନଳକୂପ ଖନନ, ରାସ୍ତା ନିର୍ମାଣ, ରାସ୍ତା ମରାମତି ଓ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ସ୍ଥାପନ କରାଯାଉଛି। ଏସବୁ କାମ କରାଯାଇ ଶାସକ ଦଳ ପକ୍ଷରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରାଯାଉଥିବା ନେଇ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସମେତ ଏକ ପ୍ରତିନିଧି ଦଳ ରବିବାର ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଦାଖଲ କରିଛନ୍ତି। ପ୍ରତିନିଧି ଦଳରେ ଭୋଗରାଇର ଭାଜପା ନେତା ଅଂଶୁମାନ ମହାନ୍ତି, ଜଳେଶ୍ୱରର ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଆଇନଜୀବୀ କେଶବ ଆଚାର୍ଯ୍ୟ, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବାରିପଦା ଅଫିସ/ ରାସଗୋବିନ୍ଦପୁର, ୧୮।୧୦(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ସାରୁମୁଳା ଗ୍ରାମରେ ରବିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକାନ୍ତ ବେହେରା(୬୫)। ସନ୍ଧ୍ୟାରେ ଭାଲିଆପଟାରୁ ଫୁଟବଲ ଖେଳ ଦେଖି ଘରକୁ ଫେରୁଥିବା ବେଳେ ସେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ରାସଗୋବିନ୍ଦପୁର ରେଞ୍ଜ ନାକିଚୁଆ ସେକ୍ସନର ଫରେଷ୍ଟର ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୦) ରୁଜୁ କରିଛି।

# ପୌରାଞ୍ଚଳର ୱାର୍ଡରେ ଖୋଲିଲା ଅଫିସ୍

**ବାଲେଶ୍ୱର ଅଫିସ**

**ବିଜେଡିର ପ୍ରଚାର ଜୋରଦାର**

ବାଲେଶ୍ୱର ନିର୍ବାଚନମଣ୍ଡଳୀର ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ପୌରାଞ୍ଚଳର ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ୱାର୍ଡଗୁଡ଼ିକରେ ଅଫିସ୍ ଖୋଲାଯାଉଛି। ଯେଉଁଠି ୱାର୍ଡସ୍ତରୀୟ କର୍ମୀମାନଙ୍କ ଦ୍ୱାରା ଯୁବ, ମହିଳା ଓ ପୁରୁଷମାନଙ୍କର ଭିନ୍ନ ଭିନ୍ନ ବୈଠକ କରି ବିଜେଡି ଲୋକାଭିମୁଖୀ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଉପନିର୍ବାଚନରେ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି।

ରବିବାର ସନ୍ଧ୍ୟାରେ ପୌରାଞ୍ଚଳ ଅନ୍ତର୍ଗତ ୮ନମ୍ବର ୱାର୍ଡରେ ପଞ୍ଚାୟତିରାଜ, ପାନୀୟଜଳ, ଆଇନ୍, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏକ ଅଫିସ୍‌କୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରେରିତ ବିଭିନ୍ନ ଉନ୍ନତିମୂଳକ ଯୋଜନା ଉପରେ ବହୁ ଯୁବ ଭୋଟରଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଜିଲାର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ସେ କହିଥିଲେ। ଜିଲାସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ରାଜ୍ୟ ପର୍ଯ୍ୟବେକ୍ଷକ ଶିଶିର ପରିଜା, ପୂର୍ବତନ କାଉନ୍‌ସିଲର ମନୋଜ କୁମାର ରାଉତ, ୱାର୍ଡ ସଭାପତି ପ୍ରାଣକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭଣ୍ଡାରିପୋଖରୀ ବ୍ଲକ ଦୁର୍ନୀତିର ଗନ୍ତାଘର: ଭାଜପା

**ଭଣ୍ଡାରିପୋଖରୀ, ୧୮।୧୦(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ଅରାଜକତା ସୀମା ଲଙ୍ଘିଛି। ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କେନ୍ଦ୍ରୀୟ ଯୋଜନା ଅନୁଦାନକୁ ସରକାରୀ କର୍ମଚାରୀ, ଶାସକ ଦଳ ନେତା ଓ ସମର୍ଥକଙ୍କ ଦ୍ୱାରା ହରିଲୁଟ ହେଉଛି। ସ୍ଥାନୀୟ ବିଧାୟକ ଧୃତରାଷ୍ଟ୍ର ସାଜି ସରକାରୀ ଅଧିକାରୀଙ୍କ ଜରିଆରେ ବିଭିନ୍ନ ଯୋଜନାର ଦୁର୍ନୀତି ପାଇଁ ନିଜର ପ୍ରତିନିଧି ଓ ଦଳୀୟ କର୍ମୀମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଏ ସବୁ ଦୁର୍ନୀତିର ପର୍ଦ୍ଦାଫାସ ପାଇଁ ଆସନ୍ତା ୧୯ ତାରିଖରେ ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କୋଭିଡ୍ କଟକଣା ମଧ୍ୟରେ ‘ପର୍ଦ୍ଦାଫାସ ସମାବେଶ’ ଅନୁଷ୍ଠିତ ହେବ ବୋଲି ଭାଜପା ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି। ଭାଜପା ନେତା ବଦ୍ରିନାରାୟଣ ଧଳ ବ୍ଲକରେ ହୋଇଥିବା ବିଭିନ୍ନ ଯୋଜନାର ଦୁର୍ନୀତି ସମ୍ପର୍କରେ ଆଭାସ ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ନିର୍ମଳ କର,ପ୍ରକାଶ ମହାପାତ୍ର, ବ୍ଲକ ଉପାଧକ୍ଷ ସତ୍ୟବ୍ରତ ଦାସ, ମଣ୍ଡଳ ସଭାପତି ଗିରିଶ ସାମଲ, ମୁକୁନ୍ଦ ଚରଣ ମଲିକ, ପ୍ରଫୁଲ୍ଲ ସାହୁ, ମହିଳାମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତି ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

# ବ୍ୟକ୍ତିଗତ ଜମିରେ ସରକାରୀ ପୋଖରୀ ଖୋଳା

**ବାହାନଗା,୧୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ରୂପଖଣ୍ଡ ଗ୍ରାମର ଜଣଙ୍କ ବ୍ୟକ୍ତିଗତ ଜମିରେ ଥିବା ପୋଖରୀକୁ ସରକାରୀ ଅର୍ଥ ଖର୍ଚ୍ଚ କରି ଖନନ କରାଯାଇଛି। ଏ ବାବଦରେ ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଗ୍ରାମବାସୀ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିଛନ୍ତି।

ଗତ ତା ୨୩।୧।୨୦୨୦ରିଖରେ ମେଶିନ ଲଗାଇ ଉକ୍ତ ପୋଖରୀକୁ ଖୋଳାଯାଇଥିଲା। ସେହି ପୋଖରୀ ଜନବସତିଠାରୁ ୨କି.ମି.ରୁ ଅଧିକ ଦୂରରେ ଅବସ୍ଥିତ ଥିବାରୁ ଗ୍ରାମବାସୀ ବ୍ୟକ୍ତିଗତ ଜମିରେ ଖୋଳାଯାଇଥିବା ଜାଣିପାରି ନ ଥିଲେ। ଲୋକଙ୍କ ଅଜାଣତରେ ସରକାରୀ ଅର୍ଥ ବ୍ୟୟବରାଦ କରାଯାଇ ଖୋଳାଯାଉଥିବାରୁ ଗ୍ରାମବାସୀ ପ୍ରଥମେ ବିରୋଧ କରିଥିଲେ । ପରେ ତାହା ‘ଆମ ଗାଁ ଆମ ବିକାଶ’ ଯୋଜନାରେ ଖୋଳା ଯାଇଥିବା ଜଣାପଡିଥିଲା । କିଛି ଦିନ ପରେ ଗ୍ରାମବାସୀ ତାହା ବିଷ୍ଣୁପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ଜମି ବୋଲି ଜାଣିପାରିଥିଲେ। ଉକ୍ତ ଜମିରେ ଥିବା ପୋଖରୀର ନାମ ମଦନା ପୋଖରୀ। ସେହି ମଦନା ପୋଖରୀରେ ଚଳିତବର୍ଷ ପଞ୍ଚାୟତ ତରଫରୁ ୩ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦ଲକ୍ଷ ଟଙ୍କାର ଅର୍ଥ ବ୍ୟୟବରାଦ କରାଯାଇ ପୋଖରୀ ଖୋଳାଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ବିଡିଓ ସମେତ ସମସ୍ତ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା । ଏହାପରେ ଏନଆରଇଜିଏସ୍‌ରେ କାମ କରାଯିବା ସହିତ ପୋଖରୀ ଚାରିପାଖ ପ୍ଲାଣ୍ଟେଶନ, ପକ୍କା ଘାଟ ଆଦି ନିର୍ମାଣ କରାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମର ତପନ କୁମାର ପଣ୍ଡ, ମନୋଜ କୁମାର ମାଝି, ରବୀନ୍ଦ୍ର ସାହୁ , ରୋହିତ କୁମାର ମାଝି, ଶଶିକାନ୍ତ ଦଳେଇ, ଦୟାନିଧି ସେଠୀ, ପୂର୍ଣ୍ଣଚନ୍ଦ୍ର ପାଢୀ, ବାଉଲି ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ତା ୭।୧୦।୨୦୨୦ରିଖରୁ ବାଲେଶ୍ୱର ପିଡିଡିଆରଡିଏଙ୍କ ନିକଟକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିଛି। ଏ ସମ୍ପର୍କରେ ସରପଞ୍ଚ ଶିଶିର ଅଗସ୍ତି କହିଛନ୍ତି, ତାହା ପୂର୍ବରୁ ଆବାଦ ଅନାବାଦୀ ଜମି ଥିଲା । ସେହି ଅନୁଯାୟୀ ଆମେ ସେଠାରେ କାମ କରିଛୁ। ତାହା ୧୩ଲକ୍ଷ ଟଙ୍କାର ପ୍ରକଳ୍ପ। ସମସ୍ତ ପ୍ରକାର ତଦନ୍ତକୁ ଆମେ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ। ସତ ପଦାକୁ ଆସିବା ଦରକାର ବୋଲି ପ୍ରକାଶ କରିଥିଲେ ।



ଆମ ଗାଁ ଆମ ବିକାଶ ଯୋଜନାରେ ଖୋଳାଯାଇଥିବା ପୋଖରୀ।

